

# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ମାର୍ଚ୍ଚ-୨୦୨୧ MARCH - 2021

## ଶ୍ରୀମନ୍ଦିରରୁ ଶ୍ରୀବାଡ଼ିନୃସିଂହ ବିଜେ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନରସିଂହ ଆକୃତି ହିଁ ଆଦ୍ୟ ମୂର୍ତ୍ତି । ପିତାମହ ବ୍ରହ୍ମା ମହାପ୍ରଭୁଙ୍କୁ ବୀରବରେିକ ସିଂହ, କ୍ଲେଶ ବିମୁକ୍ତି ସିଂହ ଏବଂ ନୀଳାଚଳ ଶୃଙ୍ଗ ସିଂହ ଆଦି ନାମରେ ସମ୍ବୋଧନ ପୂର୍ବକ ପ୍ରାର୍ଥନା କରିଥିଲେ ।



ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ବିଗ୍ରହ ଭାବରେ ମଧ ଶ୍ରୀନୃସିଂହ ବିରାଜିତ । ଶ୍ରୀମନ୍ଦିରରେ ବିଭିନ୍ନ ନାମରେ ତାଙ୍କର ଉପାସନା ହୁଏ ଯଥା :-ଉଗ୍ର ନୃସିଂହ, ପୁରୁଷୋତ୍ତମ ନୃସିଂହ, ଲକ୍ଷ୍ମୀ ନୃସିଂହ, ଆଦି ନୃସିଂହ, ଯଜ୍ଞ ନୃସିଂହ, ନିଶା ନୃସିଂହ, ପଣ୍ଡୁ ନୃସିଂହ ଏବଂ ବାଡ଼ି ନୃସିଂହ ଆଦି । ଶ୍ରୀମନ୍ଦିରସ୍ଥ ଦକ୍ଷିଣି ଘରେ ପ୍ରତିମା ରୂପରେ ଲକ୍ଷ୍ମୀ ନୃସିଂହ, ପଣ୍ଡୁ ନୃସିଂହ ଓ ବାଡ଼ି ନୃସିଂହ ପୂଜିତ ହୁଅନ୍ତି । ତାଙ୍କର ମନ୍ତ୍ର ହେଲା-

‘ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍ ।
ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୋର୍ମୃତ୍ୟୁଂ ନମାମ୍ୟହମ୍ ।।’

ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ଉଲ୍ଲେଖ ଅଛି ଯେ-

‘ଯସ୍ୟ ଗ୍ରହଣମାତ୍ରେଣ ଗ୍ରହାପସ୍ମାରରାକ୍ଷସାଃ ।
ଡାକିନ୍ୟୋ ଭୂତବେତାଳପିଶାଚ୍ଛ ଭରଣା ଗ୍ରହାଃ
ଦୂରାଦେବ ପଳାୟନ୍ତେ ନେଶତେ ବୀକ୍ଷିତୁଂ ଚ୍ ତମ୍ ।

(ପୁ.ମା.୨୮/୨୫-୨୬)

ନୃସିଂହ ମନ୍ତ୍ରକୁ ଗ୍ରହଣ କରିବା ମାତ୍ରେ ଦୁଷ୍ଟଗ୍ରହ, ଅପସ୍ମାର, ରାକ୍ଷସ, ଡାକିନୀ, ଭୂତ, ବେତାଳ, ପିଶାଚ ଏବଂ ଉରଗାଦି ଦୂରରୁ ପଳାୟନ କରିଥାନ୍ତି । ଏପରିକି ତାହା ପ୍ରତି ଦୃଷ୍ଟିପାତ କରିବାକୁ ସକ୍ଷମ ହୁଅନ୍ତି ନାହିଁ ।

ଶ୍ରୀନୃସିଂହଙ୍କ କଟାକ୍ଷପାତରେ ଆଧିଦୈବିକ, ଆଧିଭୌତିକ ଏବଂ ଆଧ୍ୟାତ୍ମିକ ଏପରି ତ୍ରିବିଧ କ୍ଲେଶ ଦୂରୀଭୂତ ହୁଏ ।

ଶ୍ରୀମନ୍ଦିର ସ୍ୱତ୍ୱଲିପିରୁ ଜଣାଯାଏ ଯେ ଏକଦା ଶ୍ରୀକ୍ଷେତ୍ରରେ ବାଡ଼ି ବା ବିସୂଚିକା ରୋଗର ପ୍ରବଳ ପ୍ରାଦୁର୍ଭାବ ହେତୁ ତା’ର ନିରାକରଣ ନିମିତ୍ତ ଶ୍ରୀନୃସିଂହଙ୍କ କୃପାଭିକ୍ଷା କାମନା କରି ତାଙ୍କୁ ନଗର ଭ୍ରମଣ କରାଇବାର ପରମ୍ପରା ତତ୍କାଳୀନ ଶ୍ରୀମନ୍ଦିର ପରିଚ୍ଛଳକ ରାଜକିଶୋର ଦାସ (୧୯୦୩ ରୁ ୧୯୦୫ ମସିହା ମଧ୍ୟରେ) ସୃଷ୍ଟି କରିଥିଲେ । ଉକ୍ତ ନୃସିଂହଙ୍କୁ ‘ବାଡ଼ି ନୃସିଂହ’ ରୂପେ ଅଭିହିତ କରାଯାଏ ।

ଚୈତ୍ର ଶୁକ୍ଳ ଚ଼ତୁର୍ଥୀ ତିଥିରେ ମଧ୍ୟାହ୍ନ ଧୂପ ନୀତି ପରେ ଦକ୍ଷିଣି ଘରୁ ଶ୍ରୀନୃସିଂହଙ୍କୁ ବିଜେ କରାଇ, ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ ପୂର୍ବକ ବିମାନରେ ଅଧିଷ୍ଠିତ କରାଯାଏ । ମହାଜନ ସେବକମାନେ ବସ୍ତ୍ର, ପୁଷ୍ପମାଲ୍ୟ ଏବଂ କର୍ପୂର ଆଦିରେ ତାଙ୍କୁ ବିଭୂଷିତ କରିବା ପରେ ବିମାନବଡୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ନଗର ଭ୍ରମଣ ପୂର୍ବକ ମାର୍କଣ୍ଡେୟ ଆଶ୍ରମ, ଅଙ୍ଗିରା ଆଶ୍ରମ, କଣ୍ଡୁ ଆଶ୍ରମ ଓ ଭୃଗୁ ଆଶ୍ରମ ରୂପେ ପରିଚିତ ପ୍ରାଚୀନ ଛରି ଆଶ୍ରମକୁ ବିଜେ କରିଥାନ୍ତି । ଉକ୍ତ ଆଶ୍ରମମାନଙ୍କରେ ପୂଜାପଣ୍ଡା ସେବକଙ୍କ ଦ୍ୱାରା ଶୀତଳଭୋଗ, ଆଳତି, ବନ୍ଦାପନା ଆଦି ଅନୁଷ୍ଠିତ ହୁଏ । ଏତଦ୍‌ବ୍ୟତୀତ ବିଭିନ୍ନ ମଠ, ଜାଗା, ଆଖଡ଼ା ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ପ୍ରାୟ ୪୨ଟି ସ୍ଥାନରେ ଶ୍ରୀ ବାଡ଼ି ନୃସିଂହଙ୍କ ପନ୍ତିଭୋଗ ଅନୁଷ୍ଠିତ ହୁଏ । ତତ୍ପରେ ଶ୍ରୀବିଗ୍ରହଙ୍କୁ ବାହୁଡ଼ା ବିଜେରେ ଅଣାଯାଇ ଦକ୍ଷିଣି ଘରେ ବିରାଜିତ କରାଯାଏ । ଚୈତ୍ର ଶୁକ୍ଳ ଚ଼ତୁର୍ଥୀ ପରି ଶ୍ରାବଣ ଶୁକ୍ଳ ନବମୀରେ ମଧ ଶ୍ରୀ ବାଡ଼ି ନୃସିଂହ ବିଜେ ହୋଇ ଶ୍ରୀକ୍ଷେତ୍ରର ଭକ୍ତମାନଙ୍କୁ ବରାଭୟ ପ୍ରଦାନ କରନ୍ତି ।

● ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ



# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ମହା ଶିବରାତ୍ରି :

ତା.୧୧.୦୩.୨୧ ରିଖ ମଙ୍ଗଳବାର ଦିନ ପବିତ୍ର ମହା ଶିବରାତ୍ରି ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ



ଆଳତି, ଅବକାଶ, ତଡ଼ପଲାଗି, ରୋଷହୋମ, ସୂର୍ଯ୍ୟପୂଜା ଏବଂ ଦ୍ୱାରପାଳ ପୂଜା ସରିଲା ପରେ ଗୋପାଳବଲ୍ଲଭ ଭୋଗ ସମାପନ ହୋଇଥିଲା । ବଲ୍ଲଭ ସରିବା ପରେ ଭଣ୍ଡାର ଦ୍ୱାର ଠାରେ ପୂର୍ବରୁ ରଖାଯାଇଥିବା ବଲ୍ଲଭ ଭୋଗ ଶ୍ରୀଲୋକନାଥ ଦେବ (ଚଳନ୍ତି ପ୍ରତିମା)ଙ୍କୁ ମଣୋହି ହୋଇଥିଲା ଏବଂ ମଣୋହି ପରେ ନୂଆପାଟ ଲାଗି କରାଯାଇଥିଲା । ଏହାପରେ ଶ୍ରୀଲୋକନାଥ ପାଳିଆ ସେବକଙ୍କ ଦ୍ୱାରା ହାତରେ ବିଜେ ହୋଇ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନରେ ବିଜେ କରିଥିଲେ ଏବଂ ବାଇଶିପାହାଚ, ସିଂହଦ୍ୱାର ଦେଇ ବଡ଼ଆଖଡ଼ା ବିଜେ ସ୍ଥଳୀରେ ବିଜେ ହୋଇଥିଲେ । ଏଠାରେ ପାରଂପରିକ ଭାବେ ନୀତି ସରିବା ପରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ରାତ୍ରର ୪ର୍ଥ ପ୍ରହରରେ ହରିହର ଭେଟ ନୀତି ବଢ଼ିଥିଲା । ବିଜେ ପ୍ରତିମା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ :

ତା.୨୫.୦୩.୨୧ରିଖ ଗୁରୁବାର ଦିନ ଏକାଦଶୀ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ପୂର୍ବ ଏକାଦଶୀମାନଙ୍କରେ ଶ୍ରୀମଦନମୋହନ ଏକାଦଶୀ ନୀତିରେ ବିଜେ ହୁଅନ୍ତି । ସୂଚନାଯୋଗ୍ୟ ଯେ ଫଗୁଦଶମୀ ଠାରୁ ହୋଲି ପର୍ଯ୍ୟନ୍ତ ଶ୍ରୀଦୋଳଗୋବିନ୍ଦ ସମସ୍ତ ନୀତିକୁ ବିଜେ ହୋଇଥାନ୍ତି ।ଉକ୍ତ ଦିନ ଶ୍ରୀଦୋଳଗୋବିନ୍ଦ ଜୟବିଜୟ ଦ୍ୱାର ଠାରେଏକାଦଶୀ ବନ୍ଦାପନା, ଶୀତଳଭୋଗ ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ଜୟବିଜୟ ଦ୍ୱାରକୁ ବିଜେ ହୁଅନ୍ତେ ସେଠାରେ ଫଗୁ ବନ୍ଦାପନା ହୋଇ ବିମାନକୁ ବିଜେ କରିଥିଲେ । ପୂର୍ବଦିନ ପରି ଜଗନ୍ନାଥବଲ୍ଲଭ ଠାରେ ନୀତି ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ରାଜାଗ୍ନ୍ୟୁତ୍ସବ ବା ମେଣ୍ଢାପୋଡ଼ି :

ତା. ୨୭.୦୩.୨୧ ରିଖ ଶନିବାର ଦିନ ଫାଲଗୁନ୍ ଶୁକ୍ଲ ଚତୁର୍ଦ୍ଦଶୀ ତିଥିରେ ପୂର୍ବ ପରମ୍ପରା ପ୍ରକାରେ ମଧ୍ୟାହ୍ନ ଧୂପ ସରି ମୈଲମ ହେଲାପରେ ପାଳିଆ ମେକାପ ଭଣ୍ଡାର ଘର ଠାରୁ ଚନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଲାଗି କରିଥିଲେ । ଏହା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ଉଚେରୀ ବେଶ ନିମନ୍ତେ ବିଜେ ହୋଇଥିଲେ । ଭିତରେ ବେଶ ବଢ଼ି ପାଣିପଡ଼ି ଉଚେରୀ ଭୋଗ ଆସିଲା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୋଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ । ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଘଟୁଆରୀ ଘର ଠାରୁ ଘଣ୍ଟ, ଛତା, କାହାଳୀ ପଟୁଆରରେ ଚନ୍ଦନ ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରିଥିଲେ । ଏହାପରେ ବନ୍ଦାପନା, ସିଂହାସନ ତଳେ ମୁଦିରସ୍ତଙ୍କ ଦ୍ୱାରା ଝିମିରି ଫଗୁ ଅଞ୍ଜଳି ହୋଇ ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି ହୋଇଥିଲା । ଚାମର, ଆଲଟ କଲାପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ହାତରେ ବିଜେ ହୋଇ ବିଜେ ପ୍ରତିମାମାନେ ଲକ୍ଷ୍ମୀଙ୍କ ଜଗମୋହନରେ ପୂର୍ବରୁ ପଡ଼ିଥିବା ପଲଙ୍କ ଉପରକୁ ବିଜେ ହୋଇଥିଲେ । ସେଠାରେ ଲକ୍ଷ୍ମୀନାରାୟଣଙ୍କ ଫଗୁ ଖେଳ ସରିଲା ପରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇଥିଲା । ଏହାପରେ ବିମାନରେ ବିଜେ ହୋଇ ସିଂହଦ୍ୱାର ଦେଇ ଦୋଳବେଦୀ ଠାରେ ଅଗ୍ନି ଉତ୍ସବ ସ୍ଥାନକୁ ବିଜେ କରିଥିଲେ । ଦୋଳବେଦୀ ଠାରେ ପୂଜାପଣ୍ଡା ହୋମ କଲାପରେ ପ୍ରସାଦ ଲାଗି ହୋଇ ଚାମର, ଆଲଟ ହୋଇଥିଲେ । ଅଗ୍ନି ଗୃହରେ ଅଗ୍ନି ସଂଯୋଗ ପରେ ବିମାନ ଅଗ୍ନି ଘର ଚାରିପଟେ ୭ ଘେରା ବୁଲି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ରାଜବେଶ :

ତା. ୨୮.୦୩.୨୧ ରିଖ ରବିବାର ଦିନ ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିଲା ପରେ ମୈଲମ ହୋଇ ଶ୍ରୀବିଗ୍ରହମାନେ ସର୍ବାଙ୍ଗ ଲାଗି ହୋଇଥିଲେ । ନୂଆ ବୋଇରାଣି ଶାଢ଼ୀ ଖଣ୍ଡୁଆ ଲାଗି ସହିତ ତ୍ରିମୁଣ୍ଡିରେ ଗଭା ଲାଗି ହୋଇଥିଲେ । ଏହାପରେ ମେକାପ ଘରୁ ଖଇକୋରା ଭୋଗ ଆସିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରିଥିଲେ । ଇତ୍ୟବସରରେ ମହାଜନ, ଅଖଣ୍ଡ, ମେକାପ, ଗରାବଡ଼ୁ, ପାଳିଆ ଖୁଣ୍ଟିଆଙ୍କ ଦ୍ୱାରା ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ସିଂହାସନ ଚାରିପଟେ ୭ ଘେରା ବେଢ଼ା ପରିକ୍ରମା କରିଥିଲେ । ଏହାପରେ ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ ହୋଇଥିଲେ । ଏଠାରେ ମହାସ୍ନାନ, ମାଜଣା ଓ ବନକଲାଗି ହୋଇ ନୂଆ ପାଟ ଓ ଶାଢ଼ୀ ଲାଗି ହୋଇ ମାଳଫୁଲ ଲାଗି ହୋଇଥିଲେ । ଏହାପରେ ଶୀତଳଭୋଗ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଭୋଗ ସରିଲା ପରେ ବନ୍ଦାପନା ହୋଇ ବିମାନକୁ ବିଜେ ପ୍ରତିମାମାନେ ବିଜେ ହୋଇଥିଲେ । ବିମାନରେ ଶ୍ରୀମନ୍ଦିରର ଭିତର ବେଢ଼ାକୁ ୭ ଘେରା ବେଢ଼ା କରିସାରିଲା ପରେ ଦୋଳବେଦୀକୁ ବିଜେ ହୋଇଥିଲେ । ଦୋଳବେଦୀ ଚାରିପଟେ ୭ଥର ବେଢ଼ା ହୋଇ ରୁନ୍ଧା ଫିଟିଲା ପରେ ବେଦୀ ଉପରେ ମହାଜନଙ୍କ ହାତରେ ୭ଥର ବେଢ଼ା ବୁଲି ଦୋଳିରେ ବିଜେ କରିଥିଲେ । ସେଠାରେ ସର୍ବସାଧାରଣ ଦର୍ଶନ ସରିଲା ପରେ ମହାସ୍ନାନ ବଢ଼ି ବେଶ ହୋଇଥିଲେ । ପରେ ପାଣିପଡ଼ି କ୍ରମାନ୍ୱୟରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସକାଳଧୂପ, ମଧ୍ୟାହ୍ନଧୂପ ଓ ସନ୍ଧ୍ୟାଧୂପ ଷୋଡ଼ଶୋପଚାରରେ ସମାପନ ହୋଇଥିଲା । ଏହାପରେ ଦୋଳିରୁ ଓହ୍ଲାଇ ନିଉଛାଳି ପରେ ପୁନର୍ବାର ବେଦୀର ସିଂହାସନ ଚାରିପଟେ ୭ ଘେରା, ସିଂହାସନ ତଳ ମଣ୍ଡପରେ ୭ ଘେରା, ବିମାନକୁ ଆସି ବିମାନରେ ବେଦୀ ଚାରିପଟେ ୭ ଘେରା ପରିକ୍ରମା କଲାପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ମନ୍ଦିର ମଧ୍ୟରେ ୭ ଘେରା ପରିକ୍ରମା କଲାପରେ ବିମାନ ସରସ୍ୱତୀଙ୍କ ମନ୍ଦିର ନିକଟରେ ରହିଥିଲା । ସେଠାରେ ଶୀତଳଭୋଗ, ବନ୍ଦାପନା ହେବାପରେ ବିମାନ ୭ ପାହାଚ ଦେଇ ଭିତର କାଠ ପାଖକୁ ଆସିବା ପରେ ବନ୍ଦାପନା ଓ ଜଳଲାଗି ହୋଇ ଦକ୍ଷିଣ ଘରକୁ ଶ୍ରୀଦୋଳଗୋବିନ୍ଦ ଏବଂ ଶ୍ରୀଦେବୀ, ଭୂଦେବୀ, ରତ୍ନସିଂହାସନକୁ ବିଜେ ହୋଇଥିଲେ ।

ଏହି ଦିନ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ ବା ରାଜବେଶ' ଅନୁଷ୍ଠିତ ହୋଇଥିଲା । ସିଂହାସନ ଚାରିପଟେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ୭ଥର ବେଢ଼ା ପରିକ୍ରମା କରି ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ କରିବା ପରେ ଶ୍ରୀବିଗ୍ରହମାନଙ୍କର ମଇଲମ ହୋଇ ରାଜବେଶ ହୋଇଥିଲା । ତତ୍ପରେ ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଓ ସକାଳଧୂପ ଏବଂ ଭୋଗମଣ୍ଡପ ନୀତି ଶେଷ ହୋଇଥିଲା । ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଭକ୍ତମାନେ ଦୋଳବେଦୀରେ ବିଜେ ପ୍ରତିମାମାନଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କର ମହାର୍ଘ ସୁନାବେଶ ଦର୍ଶନ କରିଥିଲେ ।

## ଶ୍ରୀମନ୍ଦିରରେ ହୋଲି ଉତ୍ସବ :

ତା.୨୯.୦୩.୨୧ରିଖ ସୋମବାର ଦିନ ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ହୋଲି ଉତ୍ସବ ନିମନ୍ତେ ମଧ୍ୟାହ୍ନ ଧୂପ ବେଶରେ ତିନି ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ସରି ପାଣିପଡ଼ିଲା ପରେ ଦକ୍ଷିଣ ଘର ଭୋଗ ସରିଥିଲା ଓ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ପୂଜାପଣ୍ଡା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଜ୍ଞାମାଳ ଦେଲା ପରେ ମହାଜନମାନେ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇ ରୁନ୍ଧା ସରିଲା ପରେ ମାଳଫୁଲ ଲାଗି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବିମାନବଡ଼ୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିଥିଲେ । ସେଠାରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଶୀତଳଭୋଗ କରିଥିଲେ । ଭୋଗ ପରେ ମୁଦିରସ୍ତ ବନ୍ଦାପନା କରି ଚାମର, ଆଲଟ କରିଥିଲେ । ଏଠାରେ ସମସ୍ତ ନୀତି ସରିବା ପରେ ଦିଅଁମାନେ ବିଜେ ହୋଇ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବିଜେ ହୋଇଥିଲେ ।

# କ୍ଷେତ୍ର ପରିକ୍ରମା ଓ ଶଙ୍ଖକ୍ଷେତ୍ର



ପ୍ରଥମ ମାର୍ଗଶୀର ମାସ କୃଷ୍ଣ ପଞ୍ଚମୀ ଦିନ ଶ୍ରୀମନ୍ ନାରାୟଣଙ୍କର ପରମାୟୁଧ ପାଞ୍ଚଜନ୍ୟ ଆୟୁଧ ପୁରୁଷ ପ୍ରକଟ ହୋଇଥିଲେ । ମହାପ୍ରଳୟ ପରେ ଏହି ଶୁକ୍ଳବର୍ଣ୍ଣର ମୁକ୍ତାପ୍ରାଂଶୁ ପ୍ରଭ ମହାଶଙ୍ଖ ଚତୁର୍ବେଦ ଧ୍ୱନୀର ସହ ହୟଶୀର୍ଷଙ୍କର କରକମଳରେ ସନ୍ନିବେଶିତ ହୋଇଥିଲେ । ତେଣୁ ଏହି ପଞ୍ଚମୀକୁ ପାଞ୍ଚଜନ୍ୟ ଶଙ୍ଖର ଜନ୍ମ ଦିବସ ରୂପେ ପୁରୁଷୋତ୍ତମଙ୍କର ପବିତ୍ର ନିବାସ ଶଙ୍ଖକ୍ଷେତ୍ରକୁ ଭକ୍ତର ଦକ୍ଷିଣ ପାଖରେ ରଖି ଭକ୍ତିର ସହିତ କରିକ୍ରମା କରାଯାଇଥାଏ ।

ମାର୍ଗଶୀର୍ଷେଽସୀତେ ପକ୍ଷେ ପଞ୍ଚମ୍ୟାଂ ଶୁଭବାସରେ
ପ୍ରରିକ୍ରମ୍ୟ ମହାଶଙ୍ଖଂ ଭକ୍ତ୍ୟା କୃଷ୍ଣାନୁକୀର୍ତ୍ତୟେତ୍ ।୧୦।
ଶ୍ୱେତତୀର୍ଥ ସମାରମ୍ଭ ସ୍ୱର୍ଗଦ୍ୱାରାବଧି ବ୍ରଜେତ୍
ଆଚମ୍ୟାମ୍ବୁଧୀତଦ୍‌ଭକ୍ତ୍ୟା ଲୋକେଶ୍ୱର ପ୍ରପୁଜୟେତ ।୧୧।
ଭାର୍ଗବୀସରିତାତ୍ ପୂର୍ବେ ତୀରେ ତୀରେ ଶନୈଃ ଶନୈଃ
ଗତ୍ୱାତଦ୍‌ତଟ ଦେଶେର କପୋତେଶ୍ୱର ମର୍ଚ୍ଚୟେତ ।୧୨।
ତଦୈଶାନ୍ୟାଂ ଦିଶିଗତ୍ୱା ସିନ୍ଧୋତୀରେ ହରୋତ୍ତମ
ବିଲ୍ୱେଶ୍ୱରାଖ୍ୟ ଲିଙ୍ଗାୟ ପୂଜେତ୍ ଭକ୍ତ୍ୟା ନରୋତ୍ତମ ।୧୩।
ସାଗରସ୍ୟୋତ୍ତରେ ତୀରେ ରଥାଙ୍ଗତୀର୍ଥ ସେବୟତେ୍
ଅହୋରାତ୍ରାନ୍ତରେ ପଶ୍ୟତ୍ ଇନ୍ଦ୍ରନୀଳମଣି ବିଭୂମ୍ ।୧୪।
ଅନ୍ତର୍ଗୃହେତି ସୁଖ୍ୟାତଃ ସର୍ବେସାଂ ମୋକ୍ଷଦାୟକଂ
ପଞ୍ଚତୀର୍ଥ ଫଳ ଯାନ୍ତି ଭକ୍ତି ଭବତି ନୈଷ୍ଠକୀ ।୧୫।

ଇନ୍ଦ୍ରନୀଳମଣୌ ୨ୟ

ଏହି ଦୃଷ୍ଟିରୁ ପୁରୁଷୋତ୍ତମବାସୀ ଓ ପ୍ରବାସୀଗଣ ଏହି କ୍ଷେତ୍ର ପରିକ୍ରମା ଆଚରଣ କରିଥାନ୍ତି । ଏବେ ଭକ୍ତଗଣ ନାନା କାରଣରୁ ଅନ୍ତର୍ଗୃହୀକୁ ସଂକ୍ଷିପ୍ତ କରିଥିଲେ ମଧ୍ୟ ଉକ୍ତ ସାତ୍ତ୍ୱିକ ଯାତ୍ରା ଆବହମାନ କାଳରୁ ଆଚରିତ ହେଉଛି । ବର୍ତ୍ତମାନ ତୀର୍ଥସେବୀମାନେ ଯେଉଁ ମହାତୀର୍ଥକୁ ପରିକ୍ରମା କରିଅଛନ୍ତି ତାହାର ମାହାତ୍ମ୍ୟ ଓ ତତ୍ତ୍ୱକୁ ଅନୁଭବ କରି କାର୍ଯ୍ୟର ସାର୍ଥକତା ଉପଲବ୍ଧି କରିବା ହେବେ ।

ଏହି ଦକ୍ଷିଣାବର୍ତ୍ତ ମହା ଶଙ୍ଖକ୍ଷେତ୍ର ସର୍ବପାପ ବିନାଶକ ଏବଂ ଏହାର ନାଭିଦେଶରେ ଚତୁର୍ଭୁଜ ନୀଳମାଧବ ବିରାଜିତ ଅଛନ୍ତି । ଏହି ଶଙ୍ଖର ବର୍ଣ୍ଣନା ଦୁଇ ପ୍ରକାର ପରିଦୃଷ୍ଟ ହୁଏ । ଗୋଟିଏ ପୌରାଣିକ ଅପରଟି ତାନ୍ତ୍ରିକ । ତାନ୍ତ୍ରିକ ଉକ୍ତିଟି ୨ୟ ଶଙ୍କରାଚାର୍ଯ୍ୟ ଅର୍ଥାତ୍ ଗୋବର୍ଦ୍ଧନପୀଠର ପ୍ରଥମାଚାର୍ଯ୍ୟ ପ୍ରପଞ୍ଚସାର ମହାତନ୍ତ୍ରର ରଚୟିତା ପଦପଦ୍ମଙ୍କ ଦ୍ୱାରା ପ୍ରବର୍ତ୍ତିତ । ଦୁଇଟି ମତରେ ଶଙ୍ଖର କେନ୍ଦ୍ରରେ ଇନ୍ଦ୍ରନୀଳମଣି ମୂର୍ତ୍ତିଙ୍କୁ ସର୍ବଥା ମାନ୍ୟତା ଦେଇ ଦୁଇଗୋଟି ମାର୍ଗରେ ଦେବଦେବୀମାନଙ୍କୁ ବର୍ଣ୍ଣନା କରାଯାଇଛି ।-

ଶଙ୍ଖମଧ୍ୟେସ୍ଥିତୋ ବିଷ୍ଣୁ ନୀଳରୂପଶ୍ଚତୁର୍ଭୁଜଃ
ଦକ୍ଷିଣାବର୍ତ୍ତୀ ଶଙ୍ଖୋଽୟଂ ସ୍ମରଣଂ ପାପନାଶନ ।
ସୌଦର୍ଶନୀ ବାମଦେବ ସଂହିତା (ପ୍ରଥମ ଅଧ୍ୟାୟ)

ତାନ୍ତ୍ରିକ ମତରେ ଓ ପୌରାଣିକ ମତରେ ପାର୍ଥକ୍ୟ ସାମାନ୍ୟ ହେଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପୌରାଣିକ ମତରେ ସମସ୍ତ ଦେବଦେବୀମାନଙ୍କୁ ୩ ଗୋଟି ବର୍ତ୍ତୁଳାକାର ବର୍ତ୍ମରେ ବିଭକ୍ତ କରିଅଛନ୍ତି । ମାତ୍ର ତାନ୍ତ୍ରିକମାନେ ଏହାକୁ ପୂର୍ଣ୍ଣତୟା ସପ୍ତାବରଣ ସଂଯୁକ୍ତ ବୋଲି କହିଛନ୍ତି ଓ ନିମ୍ନଲିଖିତ ୭ ଗୋଟି ଆବରଣ କଳ୍ପନା କରିଅଛନ୍ତି ।

ପ୍ରଥମ ଆବରଣ- ନାଭି । ବୃତ୍ତାକାର କ୍ଷେତ୍ର ମଧ୍ୟରେ ରତ୍ନବେଦୀ, ରତ୍ନବେଦୀରେ ସପ୍ତାବରଣମୟ ଇନ୍ଦ୍ରନୀଳମଣି ମୂର୍ତ୍ତି ।

ଦ୍ୱିତୀୟାବରଣ- ଷଟକୋଣିକା

ଏହି ଷଟ୍‌କୋଣିକାରେ ଚତୁଃଶକ୍ତି, ଦୁଇଟି ତୀର୍ଥ, ଦୁଇଟି ବୃକ୍ଷ, ଗରୁଡ଼ ଏବଂ ନୀଳଶିଖର ଅବସ୍ଥିତ ।

(୧) ଆଦିଶକ୍ତି - ବିମଳା
(୨) ଇଚ୍ଛାଶକ୍ତି - କମଳାମ୍ବିକା
(୩) ଜ୍ଞାନଶକ୍ତି - ସର୍ବମଙ୍ଗଳା
(୪) କ୍ରିୟାଶକ୍ତି - ଉତ୍ତରାୟୀ
ବୃକ୍ଷ ୧. - କଳ୍ପପାଦପ
୨. - ଶାଲ୍ମଳିତରୁ

ତୀର୍ଥ- (୧) ରୋହଣୀକୁଣ୍ଡ
(୨) ପ୍ରଣିତୋଦକ କୁଣ୍ଡ (ସୁନାକୂଅ)

୩ୟ ଆବରଣ- ଅଷ୍ଟାବ୍‌ଜ ପଦ୍ମ ମଧ୍ୟସ୍ଥ

| | ଅଷ୍ଟଶମ୍ଭୁ | ଅଷ୍ଟାଶକ୍ତି |
|---|---|---|
| (୧) | ଅଗ୍ରେଶ୍ୱର | - ଦ୍ୱାରକାସିନୀ |
| (୨) | ବଟେଶ୍ୱର | - ମହାବ୍ରଜେଶ୍ୱରୀ ଇନ୍ଦ୍ରାଣୀ |
| (୩) | କ୍ଷେତ୍ରପାଳେଶ୍ୱର | - ଶ୍ମାନଭୈରବୀ କୁତାମଚଣ୍ଡୀ |
| (୪) | ଚକ୍ରେଶ୍ୱର | - ଭଦ୍ରକାଳୀ (ଚିତ୍ର) |
| (୫) | ବୈକୁଣ୍ଠେଶ୍ୱର | - ଭୁବନେଶ୍ୱରୀ |
| (୬) | ପାତାଳେଶ୍ୱର | - ମହାକାଳୀ ଅଘୋରା |
| (୭) | ଈଶାନେଶ୍ୱର | - ଶୀତଳା |
| (୮) | ଲୋକେଶ୍ୱର | - ଯାଜ୍ଞେଶ୍ୱରୀ (ଝାଡ଼) |

ଚତୁଆବରଣ ମହାକୂର୍ମ ଏବଂ ମେଘନାଦ ଭୂପୁର ନାମକ ୨ଟି ଚତୁର୍ଦ୍ୱାରଯୁକ୍ତ ଭୂପୁର ।

ପଞ୍ଚମାବରଣ ଅଷ୍ଟଦଳ ସକର୍ଣ୍ଣିକ ଷୋଡ଼ଶଦଳ ପଦ୍ମ

| | ଅଷ୍ଟଶମ୍ଭୁ | - ଅଷ୍ଟଶକ୍ତି |
|---|---|---|
| (୧) | ବିଶ୍ୱେଶ୍ୱର | - ବିଶ୍ୱେଶ୍ୱରୀ |
| (୨) | ମାର୍କଣ୍ଡେଶ୍ୱର | - ସପ୍ତମାତୃକା |
| (୩) | ମହାକାଳେଶ୍ୱର | - ଦକ୍ଷିଣାକାଳୀ |
| (୪) | କର୍ଣ୍ଣାମେଶ୍ୱର | - ଚର୍ଚ୍ଚିକା |
| (୫) | ମୁକ୍ତେଶ୍ୱର | - ଅଲାମେଶ୍ୱରୀ |
| (୬) | ଉଗ୍ରେଶ୍ୱର | - ବାରାହୀ |
| (୭) | କପାଳମୋଚନେଶ୍ୱର | - ବନଦୁର୍ଗେଶ୍ୱରୀ (ହରଚଣ୍ଡିକା) |
| | ଅଘୋରେଶ୍ୱର | - ବାସୁଳିକେଶ୍ୱରୀ |
| | ଷଷ୍ଠାବରଣରେ | - ପଞ୍ଚତୀର୍ଥ ଓ ଚତୁରାଶ୍ରମ |
| | ସପ୍ତାବରଣରେ | - ଶଙ୍ଖର କ୍ଷେତ୍ରରକ୍ଷକ ମଣ୍ଡଳ |

ଏଥିମଧ୍ୟରୁ କ୍ଷେତ୍ରପାଳ ନୀଳକଣ୍ଠେଶ୍ୱର

| | |
|---|---|
| ପୀଠେଶ୍ୱର | - ଯଜ୍ଞନୃସିଂହ ଯଜ୍ଞବେଦୀର ରକ୍ଷକ |
| ଯଜ୍ଞବେଦୀ | - ଆଡ଼ପ ମଣ୍ଡପ |
| ଯୁଗେଶ୍ୱରୀ | - ଅର୍ଦ୍ଧଷୋଣଶୀ |
| ଅପୌରୁଷେୟ ତୀର୍ଥ | - ଚକ୍ରତୀର୍ଥ |
| ଶଙ୍ଖାଗ୍ରରକ୍ଷକ | - ବିଲେଶ୍ୱର |
| ଶଙ୍ଖାନ୍ତ ରକ୍ଷକ | - ଲୋକେଶ୍ୱର |
| କ୍ଷେତ୍ର ପ୍ରତିହାର | - କପୋତେଶ୍ୱର |
| ମୁକ୍ତିତୀର୍ଥ | - ସ୍ୱର୍ଗଦ୍ୱାର |

ଏହି ମହିମାପୂର୍ଣ୍ଣ ପୀଠ, ତୀର୍ଥ ଓ ଦେବସ୍ଥାନମାନଙ୍କୁ ପବିତ୍ର ମନରେ ତାରକବ୍ରହ୍ମମନ୍ତ୍ର ଉଚ୍ଚାରଣ ପୂର୍ବକ ଯେଉଁମାନେ ଏହି ମହାନ ଶଙ୍ଖକ୍ଷେତ୍ରକୁ ପରିକ୍ରମା କରନ୍ତି ସେମାନେ ପୁରୁଷୋତ୍ତମଙ୍କର ପ୍ରତ୍ୟକ୍ଷ କୃପା ଲାଭ କରିଥାନ୍ତି ।

*(ଉକ୍ତ ଆଲେଖ୍ୟ ୧୯୭୦ ମସିହା ନଭେମ୍ବର୧୮ ତାରିଖରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)*

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## (୫୦)- ଚୈତ୍ର ଶୁକ୍ଳ ତ୍ରୟୋଦଶୀ - ଦମନକ ରେ଼ରି

ଏହି ଯାତ୍ରା ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଦିନ ହେବାର ବିଧି । ଏଦିନ ଦମନକ ରେ଼ରି ଯୋଗୁଁ ରାମଲୀଳା ଯାତ୍ରା ବନ୍ଦ ହେବ । ମଧ୍ୟାହ୍ନ ଧୂପ ସରିବା ପରେ ଦକ୍ଷିଣ ଘର ଭୋଗ ସରିବା ପରେ ରାମ କୃଷ୍ଣ ଦୁଇ ଦେବ ଭିତର ସିଂହାସନକୁ ବିଜେ କଲା ଉତ୍ତାରେ ପଣ୍ଡା ଆଜ୍ଞାମାଳ ଦେବେ । ଏ ଉତ୍ତାରେ ଗତ ଦିନ ଅଧିବାସ ହୋଇଥିବା କନ୍ଦର୍ପ ପଟିକୁ ମହାଜନ ହାତରେ ବିଜେ କରାଇ ଘଣ୍ଟ, ଛତା, କାହାଳୀସହ ବଟମୂଳେ ଥିବା ପାଲିଙ୍କି ଆଗରେ ଠିଆ ହୋଇ ରହିଥିବେ । ଏ ଉତ୍ତାରେ ଅନ୍ୟ ମହାଜନେ ରାମକୃଷ୍ଣ ଦୁଇ ଦେବଙ୍କୁ ଭିତର ସିଂହାସନରୁ ବିଜେ କରାଇ ଆଣି ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଇବେ । ଏ ଉତ୍ତାରେ ବିମାନବଡୁମାନେ ଆସି ଘଣ୍ଟ, ଛତା, କାହାଳୀସହ କନ୍ଦର୍ପ ପଟି ଆଗେ ଥାଇ ପାଲିଙ୍କି ଜଗନ୍ନାଥ ବଲ୍ଲଭକୁ ବିଜେ କରାଇବେ । ଏ ଉତ୍ତାରେ ମହାଜନେ ରାମକୃଷ୍ଣଙ୍କୁ ନେଇ ଖଟ ଉପରେ ବିଜେ କରାଇବେ ଓ କନ୍ଦର୍ପ ପଟିକୁ ଏହାଙ୍କ ଆଗରେ ବିଜେ କରାଇବେ । ଏଠାରେ ପର୍ବଯାତ୍ରା ଯୋଗାଣିଆ ଦେଇଥିବା ହୋମ ସାମଗ୍ରୀମାନ ପଣ୍ଡା, ପତି, ମୁଦିରସ୍ତେ ଥାଇ ସଙ୍କଳ୍ପ ବାକ୍ୟାନୁଯାୟୀ ହୋମ ହୋଇବ । ଏଠାରେ ବାହାର ରୋଷରେ ମହାସୁଆରମାନେ ସର୍କାରି ଭୋଗମାନ ପ୍ରସ୍ତୁତ କରାଇବେ । ହୋମ ସରିବା ପରେ ଟେରା ବନ୍ଧା ହୋଇ ପାଣି ପଡ଼ିବା ପରେ ଆସ୍ଥାନ ପଢ଼ିଆରି ରୋଷକୁ ଭୋଗ ଡାକିଯିବ । ଭୋଗ ଉଠିଲା ପରେ ମୁଦିରସ୍ତେ ପ୍ରସାଦ ଲାଗି କରିବେ । ଏ ଭୋଗ ପଣ୍ଡା ପଞ୍ଚୋପଚାରରେ ମଣୋହି କରାଇବେ । ବନ୍ଦାପନା ହୋଇ ଚାମର ଆଲଟ ହୋଇବେ । ଏଥିପୂର୍ବରୁ ଜଗନ୍ନାଥ ବଲ୍ଲଭ ମଠ ନାଜର, ତଢ଼ାଉ କରଣ ଓ ଦେଉଳ କରଣ ସଙ୍ଗରେ ନେଇ ମସାଲ ସଙ୍ଗରେ ଥାଇ ଚଉଦ ଗଛ ଲାଗିଥିବା ଦୟଣା ବାଡ଼ିକି ଯାଇ ସେଠାରେ ଗଛମାନଙ୍କୁ ତନଖି କରିବେ । ଏ ଉତ୍ତାରେ ଦୟଣା ମାଳି ଗଛମାନଙ୍କୁ ଉପୁଡ଼ାଇ ଜଗନ୍ନାଥବଲ୍ଲଭ ମହାବୀରଙ୍କ ପାଖେ ଦୟଣା ବଗିଚାରେ ୬ ଗଛକରି ଲଗାଇବ । ଭୋଗ ସରିବା ପରେ ମହାଜନେ ଠାକୁରଙ୍କୁ ନିଶବ୍ଦରେ ହାତରେ ବିଜେ କରାଇନେବେ । ଏଠାରେ ଭିତରଚ୍ଛ ମହାପାତ୍ରେ ରାମକୃଷ୍ଣଙ୍କ ଶ୍ରୀହସ୍ତେ ଦୁଇ ଗଛ ଦୟଣା ଲାଗି କରିବେ । ବାକି ଚାରି ଗଛ ଦୟଣା ପତ୍ରି ନୂଆ ତାଡ଼ରେ ଖଣ୍ଡୁଆ ଘୋଡ଼ାଇ ରାମକୃଷ୍ଣଙ୍କ ସଙ୍ଗରେ ପାଲିଙ୍କିଠାକୁ ଆଣିବେ । ଠାକୁରଙ୍କୁ ମହାଜନେ ପାଲିଙ୍କିରେ ବିଜେ କରାଇବା ଉତ୍ତାରେ ବିମାନବଡୁମାନେ ଘଣ୍ଟ, ଛତା, କାହାଳୀସହ ସିଂହଦ୍ୱାର ଦେଇ ବଟମୂଳେ ପାଲିଙ୍କି ରଖିବେ । ବାହୁଡ଼ା ବିଜେ ପୂର୍ବରୁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ଟଣା ହୋଇ ରହିଥିବ । ଚାନ୍ଦୁଆ ତଳେ ବାଲିବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ଲାଗିଥିବ । ପାଲିଙ୍କିରୁ ମହାଜନେ ହାତରେ ବିଜେ କରାଇ ଆଣି ଗରୁଡ ଦ୍ୱାରଠାରେ ଦୟଣା, ପତ୍ରି ମାରଫତ୍ ଉକ୍ତ ଶ୍ରୀହସ୍ତ ଗଛ ଶ୍ରୀଅଙ୍ଗରୁ ମୈଲମ କରିଦେବେ । ସେ ତାହାକୁ ନେଇ ତାଡ଼ରେ ରଖିବ । ଏ ଉତ୍ତାରୁ ଭିତରେ ପାଣିପଢ଼ି ବଡ଼ସିଂହାର ଭୋଗ ସରିବା ଉତ୍ତାରେ ମଦନମୋହନ ଦେବ ଭିତରକୁ ବିଜେ କଲାପରେ ପଣ୍ଡା ଆସି ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କୁ ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ଆଣି ଅଧିବାସ ଭୋଗ ମଣ୍ଡପ ଘରେ ଖଟ ଶେଯ ମେକାପ ପକାଇଥିବା ଶେଯ ଉପରେ ବିଜେ କରାଇବେ ।ଏ ଉତ୍ତାରେ ଉକ୍ତ ଦୟଣା ଗଛଗୁଡ଼ିକୁ ତଢ଼ାଉ ପଟ ଗୁଡାଇ ରଖିଥିବେ । ଦିଅଁ ବିଜେ କଲା ଉତ୍ତାରୁ ମହାଜନେ ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କ ହାତରେ ୩ ଗଛ ବାନ୍ଧିଦେବେ । ଏହାଙ୍କ ଆଗରେ ପର୍ବଯାତ୍ରା ଯୋଗାଣିଆ ଦେଇଥିବା ୩ ଗୋଟି ଘଇଁଡ଼ିରେ ୩ ଗୋଟି ଗଛକୁ ରଖିବେ । ପଣ୍ଡା ଆସି ଚେମେଡ଼ି ପତନି ଫୁଲ ଚନ୍ଦନ ଦେଇ ମଣ୍ଡଳ ଉପରେ ୩ଟି ଘଇଁଡ଼ିକୁ ରଖିବେ । ଏହାପରେ ଆସ୍ଥାନ ପଢ଼ିଆରି ପାଣି ପକାଇ ଏଠାରେ ଶୀତଳ ଭୋଗ ବାଢ଼ିଲେ ପଞ୍ଚୋପଚାରରେ ମଣୋହି ହେବ । ଭୋଗମଣ୍ଡପ ଘର ଦ୍ୱାରମାନଙ୍କୁ ବନ୍ଦ କରି ତଢ଼ାଉ ମୁଦ ଦେବେ । ଲେଙ୍କା ପାଇକ ଦ୍ୱାରମାନ ଜଗି ରହିବ । ଏ ଉତ୍ତାରେ ଭିତରେ ପାଣି ପଡ଼ି ବଲ୍ଲଭ ବଡ଼ସିଂହାର ଭୋଗ, ଘଣ୍ଟ, ଛତା, କାହାଳୀସହ ତଳିଚ୍ଛ ପଟୁଆର ହୋଇ ଛାମୁକୁ ଆସିବ । ପଣ୍ଡା ଆସି ଏ ଭୋଗ ପଞ୍ଚଉପଚାର ପୂଜାରେ ମଣୋହି କରାଇବେ । ଏ ଉତ୍ତାରେ ପହୁଡ଼ ଆଳତି ହୋଇବ ।

## (୪୮) (ଚ) ଓ (୫୦)-ଦମନକ ଲାଗି ଓ ରାମଲୀଳା ମାୟାମୃଗ ପ୍ରସ୍ତାବ:-

ଏହି ପର୍ବ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଅନୁଷ୍ଠିତ ହୁଏ । ଏଦିନ ସକାଳ ଧୂପ ସରିବା ପରେ ମାହାସ୍ନାନ ବଢ଼ିବା ଉତ୍ତାରେ ପଣ୍ଡା, ପତି, ମୁଦିରସ୍ତେ ଘଟୁଆରି ଘର ଠାରୁ ୩ ଗୋଟା ରୂପା ପିଙ୍ଗଣରେ ଚନ୍ଦନ, ଘଣ୍ଟ, ଛତା, କାହାଳୀ ସହ ସିଂହାସନକୁ ବିଜେ କରାଇ ଆଣି ସିଂହାସନ ଉପରକୁ ଉଠି ସର୍ବାଙ୍ଗ ଲାଗି କରାଇବେ । ନୂଆ ଲୁଗା ଲାଗି ହୋଇବ । ଏ ଉତ୍ତାରେ ବେଶ ହୋଇବେ ଓ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇବେ । ଗତଦିନ ଅଧିବାସ ହୋଇଥିବା ଭୋଗମଣ୍ଡପ ଘରଠାକୁ ପଣ୍ଡା, ପତି, ମୁଦିରସ୍ତେ ଯିବେ । ୩ ବାଡ଼ ପାଳିଆ ପଶୁପାଳକ ୩ ବାଡ଼ ଘଇଁଡ଼ିକୁ ଧରିବେ । ମହାଜନମାନେ ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କୁ ହାତରେ ବିଜେ କରାଇ ଘଣ୍ଟ, ଛତା, କାହାଳୀ ସହ ତଳିଚ୍ଛ ପଟୁଆର ହୋଇ ବଡ଼ ଦେଉଳକୁ ୩ ଘେରା ବୁଲି ଭିତର ସିଂହାସନରେ ବିଜେ କରାଇବେ । ଏ ଉତ୍ତାରେ ଘଇଁଡ଼ିରେ ଦୟଣା ଗଛମାନ ଓ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଦୟଣା ଗଛମାନ ମୈଲମ କରାଇ ଶ୍ରୀଜଗନ୍ନାଥ, ବଡ଼ ଠାକୁର ଓ ସୁଭଦ୍ରାଙ୍କୁ ଉକ୍ତ ୬ ଗଛ ଲାଗି କରାଇବେ । ଏ ଉତ୍ତାରେ ଭିତରେ ପାଣି ପଡ଼ି ଧୋ-ପଖାଳ ହୋଇ ମଧ୍ୟାହ୍ନ ଧୂପ ରୋଷରୁ ଘଣ୍ଟ, ଛତା, କାହାଳୀ ସହ ତଳିଚ୍ଛ ପଟୁଆରରେ ଛାମୁକୁ ଆସିବ । ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ୩ଜଣ ପଣ୍ଡା ଷୋଡ଼ଶୋପଚାରରେ ଭୋଗ କରିବେ ।

ଏ ଉତ୍ତାରେ ଭିତରେ ପାଣି ପଡ଼ିବା ଉତ୍ତାରେ ବନ୍ଦାପନା ବଢ଼ିବ ଓ ଘଇଁଡ଼ା ମେକାପ ଠାରୁ ଶ୍ରୀକାପଡ଼ ଏକ ମୂର୍ତ୍ତି ଭଣ୍ଡାର ମେକାପ ନେଇ ସିଂହାସନ ତଳେ ତଢ଼ାଉ ଦେଉଳ କରଣ ଥାଇ ଉକ୍ତ ଦୟଣା ଗଛମାନ ମୈଲମ କରି ମୁଦ କରି ରାଜା ସୁପରିଂଟେଣ୍ଡେଣ୍ଟଙ୍କ ନଅରକୁ ପଠାଇବେ । ମଦନମୋହନ ଦକ୍ଷିଣ ଘରକୁ ବିଜେ କଲା ଉତ୍ତାରେ ଭୋଗ ମଣ୍ଡପ ସରିବ । ସନ୍ଧ୍ୟା ଧୂପ ସରିବା ପରେ ରାମ ଲକ୍ଷ୍ମଣ ଦେବ ଆଜ୍ଞାମାଳ ପାଇ ବଟମୂଳେ ଥିବା ପାଲିଙ୍କିରେ ଜଗନ୍ନାଥ ବଲ୍ଲଭକୁ ପୂର୍ବଦିନ ପରି ବିଜେ କରିବେ । ଏ ଦିନ କୁଣ୍ଡେଇବେଣ୍ଟ ସାହି ଲୋକେ ମାୟାମୃଗ ପ୍ରସ୍ତାବ କରିବେ । ମାୟା ମୃଗ ଲୀଳା ବଢ଼ିବା ପରେ ବାହୁଡ଼ା ବିଜେ ହେବେ ଓ ମନ୍ଦିରର ଅନ୍ୟାନ୍ୟ ନୀତି ହେବ ।



*ଜାଣିବା କଥା ...*

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ ବ୍ୟବହୃତ 'କାକତୁଆ ଝିଲି'ର ମାନେ କ'ଣ ?
ଉ - ବିରି ଓ ଘିଅରେ ପ୍ରସ୍ତୁତ ଏକ ପ୍ରକାର ପିଠା । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଭୋଗରେ ଲାଗି ହୋଇଥାଏ ।

୨. ପ୍ର - ଶ୍ରୀମନ୍ଦିରରେ 'କାକରା'ର ବ୍ୟବହାରିକତା କ'ଣ ?
ଉ - ଏହା ଏକ ପ୍ରକାର ପିଠା । ଗୁଡ଼ ପାଗରେ ଚାଉଳ ଚୂନା ବା ଅଟା ପକାଇ ଖଳି କରି ସେହି ଖଳିରୁ ଚଟକା ଚଟକା ଗୋଲ କରି ସେଗୁଡ଼ିକୁ ଘିଅରେ ଛାଣି ଦେଲେ କାକରା ପିଠା ହୁଏ । ଏହା ଶ୍ରୀମନ୍ଦିରରେ ଠାକୁରଙ୍କର ନୀତିକାନ୍ତି ଧୂପ ଅନ୍ୟାନ୍ୟ ଭୋଗ ଇତ୍ୟାଦିରେ ଲାଗି ହୋଇଥାଏ ।

୩. ପ୍ର - ଶ୍ରୀମନ୍ଦିରରେ 'କାକେରୀ'ର ବ୍ୟବହାରିକତା କ'ଣ ?
ଉ - ସାନ କାକରା । ଏହା ମଧ୍ୟ ଏକ ପିଷ୍ଟକ ବିଶେଷ । ଏହା ଠାକୁରଙ୍କ ପହିଲି ଭୋଗରେ ଲାଗି ହୋଇଥାଏ ।

୪. ପ୍ର - ଶ୍ରୀମନ୍ଦିରରେ 'କାଠଘୋଡ଼ା'ର ଭୂମିକା କ'ଣ ?
ଉ - ବେଞ୍ଚ ସଦୃଶ ଅଢ଼େଇଫୁଟ ଉଚ୍ଚତାର କାଠ ନିର୍ମିତ ଭାଡ଼ି । ଏହା ଉପରେ ଛିଡ଼ା ହୋଇ ଶ୍ରୀମନ୍ଦିରର ସେବକମାନେ ଶ୍ରୀବିଗ୍ରହମାନଙ୍କ ବେଶ କରନ୍ତି ।

୫. ପ୍ର - ଶ୍ରୀମନ୍ଦିରରେ 'କାଠି ଲାଗି' କହିଲେ କ'ଣ ବୁଝାଯାଏ ?
ଉ - ଏହା ଶ୍ରୀବିଗ୍ରହମାନଙ୍କର ଦୈନିକ ଦନ୍ତମର୍ଜନ ବିଧି । ଏଥିପାଇଁ କେବଳ ମୁତୁରି ଦାନ୍ତ କାଠି ଆବଶ୍ୟକ ହୋଇଥାଏ । ମୁତୁରି ଦାନ୍ତକାଠି ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ସେବକ ତିନିଜଣ ଅଛନ୍ତି । ଏମାନଙ୍କୁ ମୁଖ ପଖାଳ ପଢ଼ିଆରୀ କୁହାଯାଏ । ଏହି ଦାନ୍ତକାଠି ଯୋଗାଇବା ନିମନ୍ତେ ସେମାନେ ଜମି ଭୋଗ କରିଥାନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା .....

## ୧୯୩୧ ମସିହା ପୁରୀ ରଥଯାତ୍ରା

(ଭାଗ-୬୬-ସଂଖ୍ୟା ୩୦ - ତା ୨୫ ରିଖ, ଜୁଲାଇ)

ଏ ବର୍ଷ ନୂଆ କଳେବର ଯୋଗେ ପୁରୀର ପଣ୍ଡା ପଢ଼ିଆରିମାନେ ବହୁତ ଅର୍ଥ ଲାଭ କରିବେ ବୋଲି ଆଶା କରିଥିଲେ । ରେଳ କମ୍ପାନୀ ମଧ୍ୟ ଯାତ୍ରୀ ସଂଖ୍ୟା ଅତ୍ୟନ୍ତ ଅଧିକ ହେବେ ବୋଲି ଆଶା କରି ଯଥେଷ୍ଟ ସ୍ପେଶାଲ ଗାଡ଼ି ଆୟୋଜନ କରିଥିଲେ । ସରକାରୀ ବିଭାଗର କର୍ତ୍ତୃପକ୍ଷମାନେ ଯେତେଦୂର ସତର୍କ ହେବାର ସମ୍ଭବ ତହିଁରେ ତିଳେ ମାତ୍ର ତ୍ରୁଟି କରି ନଥିଲେ । ସ୍ୱାସ୍ଥ୍ୟ ବିଭାଗର ଡାଇରେକ୍ଟର ଏବଂ ଆସିଷ୍ଟାଣ୍ଡ ଡାଇରେକ୍ଟର ପ୍ରଭୃତି ଯାଇ ପୁରୀରେ ଜଗି ରହିଥିଲେ । ତାହା ଛଡ଼ା ଓଡ଼ିଶାର କମିଶନର ସାହେବ, ପୁଲିସ ବିଭାଗର ଡ଼େ.ଇ. ଜେନେରାଲ ପ୍ରଭୃତି ଉପସ୍ଥିତ ଥିଲେ । ରଥଯାତ୍ରା ଆରମ୍ଭ ପୂର୍ବରୁ ଭିନ୍ନ



ଭିନ୍ନ ସ୍ଥାନରୁ ପୁଲିସ ଆସି ଜମା ହୋଇଥିଲେ । ପାଟନାରୁ ମଧ୍ୟ ସମସ୍ତ ପୁଲସି ଆସିଥିଲେ । ଅନ୍ୟ ଜିଲ୍ଲାମାନଙ୍କରୁ ଯେଉଁ ପୁଲିସ କର୍ମଚାରୀମାନେ ଆସିଥିଲେ ସେମାନଙ୍କ ସଖ୍ୟା ଏକ ହଜାରରୁ କମ୍ ନୁହେଁ । ରେଲ ଷ୍ଟେସନମାନଙ୍କରେ କଲେରା ଟିକା ଦେବାର ଯଥେଷ୍ଟ ବନ୍ଦୋବସ୍ତ ହୋଇଥିଲା । ରେଲଷ୍ଟେସନ ଛଡ଼ା କଟକର ନଦୀଘାଟମାନଙ୍କରେ ମଧ୍ୟ ଟୀକାଦାରମାନେ ରହି ଘାଟରେ ଯେ ପାରି ହେଉଥିଲା ତାକୁ ଜୋର ଜବରଦସ୍ତି ଟିକା ଦେବାକୁ ଆରମ୍ଭ କରିଥିଲେ । ଏହି ପ୍ରକାର ଆୟୋଜନର କୌଣସି ସୀମା ନଥିଲା । ପୁରୀ ସହରରେ ଯାତ୍ରୀମାନଙ୍କର ରହିବା ନିମନ୍ତେ ଅସ୍ଥାୟୀ ଗୃହ ମଧ୍ୟ ବହୁ ପରିମାଣରେ ନିର୍ମିତ ହୋଇଥିଲା । ଭିନ୍ନ ଭିନ୍ନ ସ୍ଥାନରୁ ସ୍ୱେଚ୍ଛାସେବକମାନେ ଆସି ସେବା ନିମିତ୍ତ ପ୍ରସ୍ତୁତ ହୋଇ ରହିଥିଲେ । ପୁରୀର ସ୍ଥାନୀୟ ସେବା ସମିତି, କଟକର ମାରବାଡ଼ୀ ଯୁବକ ସଂଘ ଓ ଭାରତ ସେବା ସଂଘର କର୍ମୀ ସମସ୍ତେ ମିଶି ପ୍ରାୟ ଛଅ ଶାତରୁ ଅଧିକ ସେଠାରେ ଉପସ୍ଥିତ ଥିଲେ, କିନ୍ତୁ ଯାତ୍ରୀଙ୍କର ସଂଖ୍ୟା ଯେତେ ହେବ ବୋଲି ସମସ୍ତେ ଅନୁମାନ କରିଥିଲେ ତହିଁରୁ ଅଧିକ କମ୍ ଯାତ୍ରୀ ହୋଇଥିଲେ । ସର୍ବମୋଟ୍ ଯାତ୍ରି ସଂଖ୍ୟା ଏକ ଲକ୍ଷରୁ ଅଧିକ ନୁହେଁ । ଏ ପ୍ରକାର ଯାତ୍ରୀ ସଂଖ୍ୟା ପୁରୀରେ ସାଧାରଣ ରଥଯାତ୍ରାର ଯାତ୍ରୀ ଅପେକ୍ଷା ସାମାନ୍ୟ ଅଧିକ ହୋଇପାରିବେ, ମାତ୍ର ନୂଆ କଳେବର ରଥଯାତ୍ରାର ଯାତ୍ରୀ ଅପେକ୍ଷା ପୂର୍ବ ନୂଆ କଳେବର ସମୟରେ ଯାତ୍ରୀ ସଂଖ୍ୟା ଯାହା ହୋଇଥିଲା ତାହାଠାରୁ ଅତ୍ୟନ୍ତ କମ୍ । ରେଲ କମ୍ପାନୀଙ୍କର ସାଧାରଣ ଗାଡ଼ି ଛଡ଼ା କେବଳ ୧୪ ଗୋଟି ସ୍ପେଶାଲ ଗାଡ଼ି ଆସିଥିଲା । ଯେଉଁ ପଣ୍ଡା ପଢ଼ିଆରିମାନେ କରଜ୍ ଦାମ କରି ଯାତ୍ରୀଙ୍କ ସକାଶେ ଆୟୋଜନ କରିଥିଲେ ସେମାନେ ହତାଶ- ପୁଣି ରଥଯାତ୍ରା ଯେପରି ହେଲା ଯେଉଁ ଯାତ୍ରୀମାନେ ଆସିଥିଲେ ସେମାନେ ମଧ୍ୟ ଅସନ୍ତୁଷ୍ଟ । ଗତ କେତେ ବର୍ଷ ହେଲା ପୁରୀର ରଥ ଗୁଣ୍ଡିଚ଼ା ଦିନ ଯାଇ ଗୁଣ୍ଡିଚ଼ା ଘରେ ଲାଗୁଥିଲା । ପୂର୍ବେ ଅବଶ୍ୟ ରଥ ପହୁଞ୍ଚିବାକୁ ଅନେକ ଦିନ ଲାଗି ଯାଉଥିଲା । ସ୍ୱର୍ଗୀୟ ମହାରାଜା ମୁକୁନ୍ଦଦେବଙ୍କ ସମୟରେ ଏହି ରାୟ ବାହାଦୁର ରାଜକିଶୋର ଦାସଙ୍କ ମେନେଜରୀ ଅମଳରେ ଉକ୍ତ ରାୟ ବାହାଦୁରଙ୍କ ଯତ୍ନରେ ପୂର୍ବ ବିଶୃଙ୍ଖଳ ସମସ୍ତ ଦୂରୀଭୂତ ହୋଇ ରଥଯାତ୍ରାର ତଥା ପୁରୀ ଜଗନ୍ନାଥଙ୍କ ଦେଉଳର ସମସ୍ତ କାର୍ଯ୍ୟପ୍ରଣାଳୀ ଅତ୍ୟନ୍ତ ଶୃଙ୍ଖଳା ସହିତ ଚଳି ଆସୁଥିଲା । ବର୍ତ୍ତମାନ ମଧ୍ୟ ସେହି ରାୟବାହାଦୂର ରାଜକିଶୋର ଦାସ ଦେୱ୍ୱାନ ଅଛନ୍ତି । ଶୀଘ୍ର ଛାଡ଼ିବେ ଛାଡ଼ିବେ ବୋଲି ଶୁଣା ଯାଉଅଛି କିନ୍ତୁ ନ ଛାଡ଼ଣୁ ପୁଣି ବିଶୃଙ୍ଖଳା ଆରମ୍ଭ ହୋଇଗଲାଣି । (କ୍ରମଶଃ....)

ଐତିହ୍ୟ ପୃଷ୍ଠାରୁ ...

## ମାନଙ୍ଗୁଳ ମାପରେ ମହାପ୍ରଭୁଙ୍କ ଶ୍ରୀବିଗ୍ରହ

ସନାତନ ଧାରାରେ ଜଗତର ଅର୍ଥ ଅନିତ୍ୟ, ପୁଣି ବ୍ୟକ୍ତ ରୂପ । କାହାର ବ୍ୟକ୍ତ ରୂପ ? ପରମାତ୍ମାଙ୍କର । ସେହି ଅନିତ୍ୟ ଜଗତର ନାଥ ହେଉଛନ୍ତି 'ଜଗନ୍ନାଥ' । 'ନାଥ' ଶବ୍ଦ ନ+ଅଥ । ଅର୍ଥାତ୍ 'ନ'ର କିଛି ଅର୍ଥ ନାହିଁ । ଏହା ନିଷେଧାର୍ଥକ । 'ଅଥ'ର ଅର୍ଥ ହେଉଛି ଅନନ୍ତର । ବୁଝେଇ କହିଲେ ହେବ 'ପରେ' । ତେବେ



ଅର୍ଥ ହେବ ଯାହା ପରେ ଆଉ କିଛି ନାହିଁ । ଶ୍ରୀଜଗନ୍ନାଥଙ୍କ ପରେ ଆଉ କିଛି ନାହିଁ । ସେ ହିଁ ସର୍ବଶ୍ରେଷ୍ଠ ଏବଂ ପରମସତ୍ତା । ସେ ହିଁ ବ୍ରହ୍ମସ୍ୱରୂପ । ବିଷ୍ଣୁ ପୁରାଣରେ କୁହାଯାଇଛି ଏହି ଚରାଚର ଜଗତ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ କୌଣସି ଭେଦ ନାହିଁ । ତସ୍ମିନ୍ନେବ ଇୟଂ ସର୍ବଂ ଯାତି ତତ୍ର ଚ୍ ତିଷ୍ଠତି (୨/୭-୪୩) ।

ବ୍ରହ୍ମଙ୍କର ବ୍ୟକ୍ତ ରୂପ ହେଉଛନ୍ତି ଶ୍ରୀଜଗନ୍ନାଥ, ସେ ପୁଣି ପ୍ରତୀକ ରୂପ । ପ୍ରତୀକ ରୂପର ରହସ୍ୟ ତନ୍ତ୍ର ପରମ୍ପରା ଆଧାରିତ । ପୂଜା ବିଧାନ ରହସ୍ୟମୟ, ତେଣୁ ସେ ରହସ୍ୟମୟ । ମହାପ୍ରଭୁଙ୍କ ପ୍ରତୀକ ବିଗ୍ରହ ସଗୁଣ ପୁଣି ନିର୍ଗୁଣ । ନିର୍ଗୁଣ ସ୍ୱରୂପ ତାଙ୍କର ବ୍ରହ୍ମ ସ୍ୱରୂପ । ଏଇଠି ଦୁଇ ନାହିଁ । ସବୁ ଏକ, ଅର୍ଥାତ୍ ଅଦ୍ୱୈତ । ଅଦ୍ୱୈତ ଭାବଯୋଗୁଁ ଜାତି/ବର୍ଣ୍ଣ, ଛୁଆଁ/ଅଛୁଆଁ ବିଚ଼ର ନାହିଁ । ଇୟେ ତନ୍ତ୍ରଶାସ୍ତ୍ରର କଥା । ସେଥିପାଇଁ ବିଜ୍ଞାନ ଭୈରବ ତନ୍ତ୍ରରେ କୁହାଯାଇଛି- ନହି ବର୍ଣ୍ଣବିଭେଦେନ ଦେହ ଭେଦେନ ବା ଭବେତ୍' ।

ଆମେ ଜାଣିଛେ 'ମାନାଙ୍ଗୁଳ' ଅନୁସାରେ ବ୍ରହ୍ମଙ୍କର ସଗୁଣ ସ୍ୱରୂପ ମହାପ୍ରଭୁଙ୍କର ଶ୍ରୀବିଗ୍ରହ ନିର୍ମାଣ ହୁଅନ୍ତି । ଗୌତମୀୟ ତନ୍ତ୍ର ୟାକୁ ସ୍ପଷ୍ଟ କରିଛନ୍ତି । କୁହାଯାଏ ଦଇତାସେବକଙ୍କ ଘରେ ଥିବା ଗୁପ୍ତ ପୋଥି ଅନୁସାରେ ମାପ ହୋଇ ଶ୍ରୀବିଗ୍ରହ ନିର୍ମାଣ ହୁଅନ୍ତି, ମାତ୍ର ଗୌତମୀୟ ତନ୍ତ୍ର ସ୍ପଷ୍ଟ ଘୋଷଣା କରିଛନ୍ତି- ମାନାଙ୍ଗୁଳେ ଚ କର୍ତ୍ତବ୍ୟଂ ନାନୈରପି କଦାଚନ, xxx । ମାପରେ ବ୍ୟତିକ୍ରମ ହେବାର ନାହିଁ, ହେଲେ ତାଙ୍କ ବ୍ୟକ୍ତିରୂପ ଅର୍ଥାତ୍ ସଗୁଣ ରୂପ ଜଗତର କ୍ଷତି କରାଏ ।

● ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଦୋଳମଣ୍ଡପ ସାହି, ହାବେଳୀ ଗଳି, ପୁରୀ-୧



ତା. ୨୩.୩.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।

## ତା. ୨୨.୩.୨୧ରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଶ୍ରୀମନ୍ଦିର ଆସିଥିବା ସମୟର କେତେକ ଚିତ୍ର...













# ଫଟୋରେ ଖବର...



ତା. ୨୮.୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ପ୍ରଶାସକ (ଉନ୍ନୟନ) ଶ୍ରୀ ଅଜୟ କୁମାର ଜେନାଙ୍କୁ ୧ ଲକ୍ଷ ଟଙ୍କାର ଦାନ ଚେକ୍ ଆକାରରେ ପ୍ରଦାନ କରୁଛନ୍ତି ।



ତା. ୧୦.୩.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଅର୍ଥ ସବ୍-କମିଟି' ବୈଠକ ।



ତା. ୧୭.୩.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।



ତା. ୧୭.୦୩.୨୧ ଠାରୁ ଲୋକନାଥ ରୋଡ଼ସ୍ଥିତ ପ୍ରତିହାରୀ ନିଯୋଗ ବୈଠକ ଗୃହରେ ଶ୍ରୀମନ୍ଦିର ସେବକମାନଙ୍କୁ କୋଭିଡ୍ ଟୀକା ପ୍ରଦାନର ଶୁଭାରମ୍ଭ ହୋଇଛି ।



ତା. ୧୭.୩.୨୧ରେ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ।



ତା. ୨୧.୩.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଜନୈକ ଦାତା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩୧ କେ.ଜି. ରୂପା ଦାନ କରୁଛନ୍ତି ।

# କାନ ପତାଇବା ସେବା

ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରାଜରାଜେଶ୍ୱର । ସେ ସୃଷ୍ଟିକର୍ତ୍ତା, ରକ୍ଷାକର୍ତ୍ତା ଏବଂ ଶରଣଦାତା । ତାଙ୍କ ସେବା ପାଇଁ ଚନ୍ଦ୍ର ସୂର୍ଯ୍ୟ, ବରୁଣ, କୁବେର, ମରୁତ ସମସ୍ତେ ତତ୍‌ପର । କଳିଯୁଗରେ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପୂଜା ପାଉଥିବା ଦାରୁବ୍ରହ୍ମଙ୍କ ସେବାରେ ଛତିଶା ନିଯୋଗ ତତ୍ପର ଥାଆନ୍ତି । ମନ୍ଦିର ନିର୍ମାଣ ଏବଂ ପ୍ରତିଷ୍ଠା କାଳରୁ ଏହି ପରମ୍ପରା ଚଳି ଆସିଛି । ପ୍ରାତଃ କାଳର ଅରୁଣ କିରଣ ଶ୍ରୀମନ୍ଦିର ନୀଳଚକ୍ର ଛୁଇଁବା ପୂର୍ବରୁ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଆରମ୍ଭ ହୋଇଥାଏ । ତା'ପରେ ଗୋଟିକ ପରେ ଗୋଟିଏ ନିତି ଚାଲେ । ଅବକାଶ ପରେ ତିନି ଧୂପ, ଭୋଗମଣ୍ଡପ ଏବଂ ବଡ଼ସିଂହାର ନୀତି ପାଇଁ ସେବକମାନେ ପ୍ରସ୍ତୁତ ହୋଇ ରହିଥାଆନ୍ତି । ଭୋଗ ଉଠିଲେ ସେ ସବୁ ଆନନ୍ଦ ବଜାରକୁ ଯାଏ ଭକ୍ତମାନଙ୍କ ପାଇଁ । ସକାଳୁ ସଂଜଯାଏ ସିଂହଦ୍ୱାର, ହସ୍ତୀଦ୍ୱାର, ଅଶ୍ୱଦ୍ୱାର ଓ ବ୍ୟାଘ୍ର ଦ୍ୱାରରେ ଭକ୍ତମାନଙ୍କର ଯିବା ଆସିବା ଗହଳି ଚହଳି ଲାଗି ରହିଥାଏ ବାଇଶି ପାହାଚ, କୀର୍ତ୍ତନ ଚକଡ଼ା, କୋଇଲି ବୈକୁଣ୍ଠ, ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିରରେ ଭକ୍ତମାନେ ଜମିଯାଇଥାଆନ୍ତି । ଭକ୍ତମାନଙ୍କ ଆଗମନରେ ମହାପ୍ରଭୁ ଆନନ୍ଦ ଅନୁଭବ କରନ୍ତି । ସେ ହେଉଛନ୍ତି ଭକ୍ତର ଜୀବନଧନ । ଭକ୍ତର କାତର ପ୍ରାର୍ଥନା, ହରିବୋଲ ହୁଳହୁଳି ଧ୍ୱନି, ଭଜନ କୀର୍ତ୍ତନ ଶୁଣିଲେ ସେ ପ୍ରଫୁଲ୍ଲିତ ହୁଅନ୍ତି । ରତ୍ନସିଂହାସନରେ ବସି ହସ ହସ ମୁହଁରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଦୂରଦୂରାନ୍ତରରୁ ଆସିଥିବା ଭକ୍ତମାନେ ଏତେ ବାଉଳା ଯେ ମହାପ୍ରଭୁଙ୍କ ନୀତିକାନ୍ତି କଥାକୁ ଭୁଲି ଯାଆନ୍ତି । ମହାପ୍ରଭୁ ମଣୋହି କରିବେ, ଚନ୍ଦନଲାଗି ହେବେ, ପହୁଡ଼ ହେବେ ଏସବୁ କଥାରେ ଭକ୍ତମାନେ ମୁଣ୍ଡ ଖେଳାନ୍ତି ନାହିଁ । ସେମାନଙ୍କର ଲୋଡ଼ା କେବଳ ଦର୍ଶନ । ରାତିରେ ପହୁଡ଼ ପରେ ଚାରିଦ୍ୱାରର ଦରଜା ବନ୍ଦ ହୋଇଥାଏ । ମନ୍ଦିର ଭିତରେ କେହି ରହନ୍ତି ନାହିଁ । ଗହଳି ଚହଳି ସିନା କମିଯାଏ । ମାତ୍ର ନିକଟରେ ଥିବା ମହୋଦଧିର ଗର୍ଜନ ଖୁବ୍ ଜୋର୍‌ରେ ଶୁଣାଯାଏ । ଦିନବେଳା ସମୁଦ୍ରର ଶବ୍ଦ ଲୋକ ଗହଳିରେ ମିଳେଇଯାଏ । ରାତିରେ ତାହା ଭୀଷଣ ଭାବରେ ଶୁଣାଯାଏ । ପୂର୍ବ କାଳରେ ସମୁଦ୍ର ଏବଂ ଶ୍ରୀମନ୍ଦିର ମଧ୍ୟରେ ଖୁବ୍ କମ୍ ଦୂରତା ଥିଲା । ଜନବସତି ଏତେ ନଥିଲା । ତେଣୁ ସମୁଦ୍ରର ଶବ୍ଦ ବଡ଼ଦେଉଳ ଦେହରେ ବାଜିବା ପରି ମନେ ହେଉଥିଲା । ମହାପ୍ରଭୁଙ୍କର ନିଦ୍ରାରେ ବ୍ୟାଘାତ ଘଟିଲା । ହେଲେ ଏ କଥା କହିବେ କାହାକୁ ! ବରୁଣ ଦେବତା ତାଙ୍କ ଶ୍ୱଶୁର । ତାଙ୍କୁ ଏକଥା କହିବା ଶିଷ୍ଟାଚାରର ବାହାର ହୋଇଯିବ । ମା' ମହାଲକ୍ଷ୍ମୀଙ୍କୁ ତ ଏକଥା କହି ହେବ ନାହିଁ । ଏ କଥା ଶୁଣୁ ଶୁଣୁ ମା' ଗର ଗର ହୋଇ କହିବେ ଆପଣ ତ ରତ୍ନ ଖଟରେ ପଡୁ ପଡୁ ନିଘୋଡ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ସମୁଦ୍ର ଗର୍ଜନ ଶୁଣୁଛନ୍ତି କେତେବେଳେ ? ମହାପ୍ରଭୁ ପ୍ରଭୁ ଭକ୍ତ ହନୁମାନଙ୍କୁ ଏକାନ୍ତରେ ଦିନେ ପାଖକୁ ଡାକିଲେ । କହିଲେ ବାପହନୁ ମୋ ପାଇଁ ଗୋଟିଏ କାମ କରିପାରିବ ? କରପତ୍ର ଯୋଡ଼ି ଅଞ୍ଜନାନନ୍ଦନ ଆଦେଶକୁ ଅପେକ୍ଷା କରି ରହିଲେ । ମହାପ୍ରଭୁ କହିଲେ ରାତ୍ରିକାଳରେ ସମୁଦ୍ର ଗର୍ଜ୍ଜନରେ ନିଦ୍ରାରେ ବ୍ୟାଘାତ ଘଟୁଛି । ସେ ଗର୍ଜନ ମେଘନାଦ ପାଚେରି ଡେଇଁ କିପରି ମନ୍ଦିର ମଧ୍ୟକୁ ପ୍ରବେଶ କରି ନ ପାରିବ ସେଥିପାଇଁ ତୁମେ ବ୍ୟବସ୍ଥା କରିପାରିବ ? ବିନୀତ ଭାବରେ ବୀର ହନୁମାନ କହିଲେ ଆପଣ ନିଶ୍ଚିନ୍ତ ରହନ୍ତୁ ମହାପ୍ରଭୁ ! ସାମାନ୍ୟତମ ସମୁଦ୍ର ଗର୍ଜ୍ଜନ ମନ୍ଦିର ମଧ୍ୟକୁ ଆସିବାକୁ ମୁଁ ଦେବି ନାହିଁ । ପଶ୍ଚିମ ଦ୍ୱାରରେ ମୁଁ କାନପାତି ବସୁଛି । ସମୁଦ୍ରର ଶବ୍ଦ ଶୁଣିବା ମାତ୍ରେ ତାକୁ ପ୍ରତିହତ କରିବାର ବ୍ୟବସ୍ଥା କରିଦେବି । ସେହି ଦିନ ଠାରୁ ବୀରହନୁମାନ ପଶ୍ଚିମ ଦ୍ୱାରରେ କାନପାତି ବସିଛନ୍ତି । ତାଙ୍କ ନାଁ ଦିଆଯାଇଛି କାନପାତା ହନୁମାନ । ଶ୍ରୀଜଗନ୍ନାଥ ମହାପ୍ରଭୁ ତ୍ରେତୟା ଯୁଗର ଶ୍ରୀରାମଚନ୍ଦ୍ର ଭଗବାନ ବୋଲି ରାମ ଭକ୍ତମାନେ ବିଶ୍ୱାସ କରନ୍ତି । ସେଇଥିପାଇଁ ଶ୍ରୀମନ୍ଦିର ଦଧିନଉତି ଚୂଡ଼ା ତଳେ ଥିବା ଅଁଳା ବେଢ଼ାରେ ଶ୍ରୀରାମ ତିଳକ ଚିତା ରହିଛି । ଦୂରରୁ ଦେଖିଲେ ଏହା ରାମ ମନ୍ଦିର ବୋଲି ଭ୍ରମ ଜାତ ହୁଏ ।



● ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧

## ଅପ୍ରେଲ୍ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୭.୪.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ପାପମୋଚନୀ ଏକାଦଶୀ |
| ତା. ୧୪.୪.୨୧ ରିଖ ବୁଧବାର | ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ |
| ତା. ୧୬.୪.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ (ଚୈତ୍ର ଶୁକ୍ଳ ଚତୁର୍ଥୀ) |
| ତା. ୨୦.୪.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଜେଉଟ ଭୋଗ ଓ ଅଶୋକାଷ୍ଟମୀ |
| ତା. ୨୧.୪.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀରାମନବମୀ |
| ତା. ୨୨.୪.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଯଜ୍ଞରକ୍ଷା ଓ ସୁଦସା ବ୍ରତ |
| ତା. ୨୩.୪.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ସୀତାବିବାହ ଓ କାମଦା ଏକାଦଶୀ |
| ତା. ୨୪.୪.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ବନବାସ ଓ କନ୍ଦର୍ପ ଅଧିବାସ |
| ତା. ୨୫.୪.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଦୟଣାଚୋରୀ ଓ ଅନଙ୍ଗ ତ୍ରୟୋଦଶୀ |
| ତା. ୨୬.୪.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ଦମନ ଚତୁର୍ଦ୍ଦଶୀ, ଦୟଣା ବେଢ଼ା, ମାୟାମୃଗ ଓ ସୀତାଚୋରୀ |
| ତା. ୨୭.୪.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଲଙ୍କାପୋଡ଼ି ଏବଂ ଚୈତ୍ର ପୂର୍ଣ୍ଣିମା |
| ତା. ୨୮.୪.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ |
| ତା. ୩୦.୪.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ରାବଣ ବଧ ପ୍ରସ୍ତାବ |

ସୌଜନ୍ୟ- OMC ODISHA

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***

***E-mail : Jagannath.or@nic.in * Web Site : www.shreejagannatha.in***

***Printed at : Rama Press, North Gate, Puri, Mob. : 94370-22145***

ମୂଲ୍ୟ : ଦୁଇଟଙ୍କା ମାତ୍ର